ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/I&PR(OD)/1092/20-01-2020

## ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ
## ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

**ଭୁବନେଶ୍ୱର :୨୦ ଜାନୁଆରୀ,୨୦୨୧**

ଶ୍ରୀଜଗନ୍ନାଥଙ୍କ ପରମ ସେବକ ମହାନ ବିପ୍ଳବୀ ଚାଖି ଖୁଣ୍ଟିଆ ଏକାଧାରରେ ଥିଲେ ଦେଶପ୍ରେମୀ, ସମାଜ ସଂସ୍କାରକ, ସୁସାହିତ୍ୟିକ ଏବଂ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ । ତାଙ୍କର ଅସୀମ ତ୍ୟାଗ, ବଳିଷ୍ଠ ନେତୃତ୍ୱ ଏବଂ ଦେଶପ୍ରେମ ପାଇଁ ପ୍ରତି ଓଡ଼ିଆଙ୍କ ପ୍ରାଣରେ ସ୍ମରଣୀୟ ରହିବେ ବୋଲି ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ କହିଛନ୍ତି ।

ଆଜି ଜୟଦେବ ଭବନଠାରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉଭୟ ମଞ୍ଚ ଓ ଭର୍ଚୁଆଲ୍ ବ୍ୟବସ୍ଥାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ ଭାରତର ମୁକ୍ତିସଂଗ୍ରାମରେ ବହୁ ମୁକ୍ତିଯୋଦ୍ଧା ବିଭିନ୍ନ ସମୟରେ ସାମିଲ ହୋଇ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି । ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ ଓଡ଼ିଶାର ହୋଇ ଦେଶମାତୃକା ପାଇଁ ଅତୁଳନୀୟ ସଂଗ୍ରାମ ଓ ତ୍ୟାଗର ନିଦର୍ଶନ ଛାଡ଼ିଯିବା ସହ ସମଗ୍ର ଭାରତବର୍ଷରେ ଓଡ଼ିଶାର ମହିମାକୁ ପ୍ରଚାରପ୍ରସାର କରିପାରିଥିଲେ । ଆମ ଦେଶ ସ୍ୱାଧୀନ ହୋଇଛି । ସ୍ୱାଧୀନୋତ୍ତର ଭାରତର ନାଗରିକ ଭାବେ ଆମେ ଗର୍ବ ଅନୁଭବ କରୁଥିବାବେଳେ ସ୍ୱାଧୀନତା ମୂଳରେ ଥିବା ବିପ୍ଳବୀ ବୀର ଚାଖି ଖୁଣ୍ଟିଆଙ୍କ ପରି ଦେଶ ଓ ଜାତିର ଲକ୍ଷ ଲକ୍ଷ ଯୋଦ୍ଧାଙ୍କ ତ୍ୟାଗ ଓ ବଳିଦାନକୁ ଆଜିଭଳି ଦିନରେ ସ୍ମରଣ କରିବା ସହ ଆଗାମୀ ପିଢ଼ିକୁ ସଚେତନ କରିବାର ଉତ୍ତରଦାୟିତ୍ୱ ଆମର ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଥିଲେ ।

ଭୁବନେଶ୍ୱର ଦୂରଦର୍ଶନର ପ୍ରାକ୍ତନ କାର୍ଯ୍ୟକ୍ରମ ମୁଖ୍ୟ ନିଳାଦ୍ରୀ ମୋହନ ଶତପଥୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଲେ ଯେ ଚାଖି ଖୁଣ୍ଟିଆଙ୍କ ପରି ଦୃଢ଼ମନା ଯୋଦ୍ଧା ହିଁ ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କ ମନରେ ଅଦମ୍ୟ ସାହସ ସଂଚାର କରିପାରିଥିଲେ ଓ ଚାଖି ଖୁଣ୍ଟିଆ ଥିଲେ ଓଡ଼ିଆ ଅସ୍ମିତା, ଚେତନା ଏବଂ ଦେଶପ୍ରେମର ପ୍ରତୀକ । ଇତିହାସ ସଦା ତାଙ୍କୁ ସ୍ମରଣ କରୁଥିବ ।

ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡକ୍ଟର ଲେନିନ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବିପ୍ଳବୀ ଚାଖି ଖୁଣ୍ଟିଆଙ୍କ ପରି କ୍ରାନ୍ତିକାରୀ ବ୍ୟକ୍ତିତ୍ୱଙ୍କ ସ୍ମୃତି ପାଇଁ ଆମମାନଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଯଥାର୍ଥରେ ସେ ଜାତୀୟତାବାଦ ଏବଂ ମାନବବାଦର ଉଦାହରଣ ।

ଚାଖୀ ଖୁଣ୍ଟିଆଙ୍କ ଦାୟଦ ଭୀମସେନ ହଜୁରୀ ଏବଂ ଚାଖୀ ଖୁଣ୍ଟିଆ ସ୍ମୃତି ସମିତି, ପୁରୀର ଡକ୍ଟର ବସନ୍ତ ପତି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଖି ଖୁଣ୍ଟିଆଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ସେବକ ତଥା କବି ତଥା ସାହିତ୍ୟ ଅନୁରାଗୀ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିବା ସହିତ ତାଙ୍କରି ନେତୃତ୍ୱ ପାଇଁ ସମଗ୍ର ଓଡ଼ିଶା ସର୍ବଭାରତୀୟ ସ୍ତରରେ ପରିଚିତ ହୋଇପାରିଥିଲା ବୋଲି କହିଥିଲେ ।

ବିପ୍ଳବୀ ଚାଖୀ ଖୁଣ୍ଟିଆଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଦେଇ ବିପ୍ଳବୀ ଚାଖୀ ଖୁଣ୍ଟିଆଙ୍କୁ ଓଡ଼ିଶା ଇତିହାସର ଅନ୍ୟତମ ଅମ୍ଳାନ ବ୍ୟକ୍ତିତ୍ୱ ଭାବେ

ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ । ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଚାଖୀ ଖୁଣ୍ଟିଆ ସ୍ମୃତି ସମିତି, ପୁରୀର ଶ୍ରୀ ଧ୍ରୁବ ଚରଣ କର ଧନ୍ୟବାଦ ଅର୍ପଣ କରିଥିଲେ ।

ସଜୟନ୍ତୀ ଉତ୍ସବ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ସକାଳେ କଳ୍ପନା ଛକସ୍ଥିତ ଚାଖୀ ଖୁଣ୍ଟିଆଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର, ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ନିରଞ୍ଜନ ସେଠୀ ଏବଂ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଦୀପ୍ତିମୟୀ ମହାପାତ୍ର
ସୂଚନା ଅଧିକାରୀ